# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**30 August - 2024**

**News Editor : Tapan Kumar Moharana**

**********************************

## ମୁଖ୍ୟ ସମ୍ବାଦ

- ରାଜ୍ୟର ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଅଧ୍ୟାପକ ନିଯୁକ୍ତି ପାଇଁ ପଦକ୍ଷେପ ନିଆଯାଉଛି ବୋଲି ବିଧାନସଭାରେ କହିଲେ ଉଚ୍ଚଶିକ୍ଷା ମନ୍ତ୍ରୀ
- ଗଜପତି ମହାରାଜାଙ୍କ ଅଧ୍ୟକ୍ଷତାରେ ଚାଲିଛି ଶ୍ରୀମନ୍ଦିର ପରିଚାଳନା କମିଟିର ବୈଠକ
- ଭାଦ୍ରବ କୃଷ୍ଣପକ୍ଷ ଦ୍ୱାଦଶୀ ତିଥିରେ ଶ୍ରୀମନ୍ଦିରରେ ଅନୁଷ୍ଠିତ ହେଉଛି ପ୍ରଭୁ ଶ୍ରୀବଳଭଦ୍ରଙ୍କର ପ୍ରଲମ୍ବାସୁର ବଧ ନୀତି

ଏବଂ

- ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷାର ପରିମାଣ ବୃଦ୍ଧି ପାଇବ ବୋଲି ପାଣିପାଗ ବିଭାଗର ପୂର୍ବାନୁମାନ

## ଅଧ୍ୟାପକ ନିଯୁକ୍ତି

ରାଜ୍ୟରେ ଖୁବଶୀଘ୍ର ଅଧ୍ୟାପକ ନିଯୁକ୍ତି ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଆଜି ବିଧାନସଭାରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି। ରାଜ୍ୟର ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକରେ ପ୍ରାୟ ୧ ହଜାର ୨୦୦ ଅଧ୍ୟାପକ ପଦବୀ ଖାଲି ପଡ଼ିଛି। ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନର ଉତ୍ତରରେ ବିଭାଗୀୟ ମନ୍ତ୍ରୀ ଗୃହରେ କହିଛନ୍ତି, ବିଶ୍ୱ ବିଦ୍ୟାଳୟ ସଂଶୋଧନ ଅଧିନିୟମ, ୨୦୨୦ରେ ଥିବା ନୀତିକୁ ପୂର୍ବ ସରକାର ଓପିଏସସି ମାଧ୍ୟମରେ ଅଧ୍ୟାପକ ନିଯୁକ୍ତି କରିଥିଲେ। ଏହା ୟୁଜିସି ନିୟମର ପରିପନ୍ଥୀ ଥିଲା। ସୁପ୍ରିମକୋର୍ଟରେ ଏହି ମାମଲା ବିଚାର ଚାଲିବା ପରଠାରୁ ରାଜ୍ୟରେ ଅଧ୍ୟାପକ ନିଯୁକ୍ତି ପ୍ରକ୍ରିୟା ସ୍ଥଗିତ ରହିଛି। ଏଥିସହ ବିଭିନ୍ନ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକରେ ପ୍ରାୟ ୨ ହଜାର ୧୫୩ ଜଣ ଅଣଅଧ୍ୟାପକ ପଦବୀ ଖାଲି ପଡିଛି। ଏହାର ନିଯୁକ୍ତି ମଧ୍ୟ ଖୁବଶୀଘ୍ର ହେବ ବୋଲି ଉଚ୍ଚଶିକ୍ଷାମନ୍ତ୍ରୀ ଗୃହରେ କହିଛନ୍ତି।

## ବିଧାନସଭା-ନିଶାମୁକ୍ତ ଭାରତ

ନିଶାମୁକ୍ତ ଭାରତ ଯୋଜନାରେ ରାଜ୍ୟର ୩୦ଟି ଜିଲ୍ଲା ଅର୍ନ୍ତଭୁକ୍ତ ହୋଇଥିବାବେଳେ ପ୍ରତି ଜିଲ୍ଲା ପାଇଁ ୧୦ଲକ୍ଷ ଟଙ୍କା ଲେଖାଏଁ ବ୍ୟୟବରାଦ କରାଯାଇଛି ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି । ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି, ୨୦୨୦ ମସିହାରେ କେନ୍ଦ୍ର ସରକାରଙ୍କ

ଦ୍ୱାରା ନିଶାମୁକ୍ତ ଭାରତ ଅଭିଯାନ ଆରମ୍ଭ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୧୦ଟି ଜିଲ୍ଲା ଏଥିରେ ଅର୍ନ୍ତଭୁକ୍ତ ହୋଇଥିବାବେଳେ ୨୦୨୩ ମସିହାରେ ଆଉ ୨୦ ଜିଲ୍ଲାକୁ ସାମିଲ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ପାଇଁ ଜିଲ୍ଲାସ୍ତରୀୟ କମିଟି ଗଠନ କରାଯାଇଛି ।

## ସୁଭଦ୍ରା ଯୋଜନା ମାର୍ଗଦର୍ଶିକା

ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ଆରମ୍ଭ କରିଥିବା ସୁଭଦ୍ରା ଯୋଜନାର ମାର୍ଗଦର୍ଶିକା ଜାରି କରାଯାଇଛି । ମାର୍ଗଦର୍ଶିକା ଅନୁଯାୟୀ ଏହି ଯୋଜନାରେ ସମସ୍ତ ଯୋଗ୍ୟ ମହିଳାଙ୍କୁ ବର୍ଷକୁ ଦୁଇଟି କିସ୍ତିରେ ୫ ହଜାର ଟଙ୍କା ଲେଖାଏଁ ଦିଆଯିବ । ୨୧ ବର୍ଷରୁ ୬୦ ବର୍ଷର ମହିଳାମାନଙ୍କପାଇଁ ଏହି ଯୋଜନା ଲାଗୁ ହେବ । ୫ ବର୍ଷ ପର୍ଯ୍ୟନ୍ତ ମୋଟ୍ ୫୦ ହଜାର ଟଙ୍କା ଏହି ଯୋଜନାରେ ରାଜ୍ୟ ସରକାର ହିତାଧିକାରୀମାନଙ୍କୁ ପ୍ରଦାନ କରିବେ । ହିତାଧିକାରୀ ମହିଳାଙ୍କର ଆଧାର ନମ୍ବର ସହିତ ମୋବାଇଲ୍ ନମ୍ବର ଯୋଡ଼ି ହୋଇଥିବା ଆବଶ୍ୟକ । ପ୍ରତ୍ୟେକ ବର୍ଷର ରକ୍ଷାବନ୍ଧନ ଓ ଆନ୍ତର୍ଜାତିକ ମହିଳା ଦିବସରେ ଏହି କିସ୍ତି ପ୍ରଦାନ କରାଯିବ ।

## ଇସ୍ପାତ

ସାମାଜିକ ଦାୟିତ୍ୱ ପାଣ୍ଠି ସହାୟତାରେ ରାଜ୍ୟରେ ଅଧିକ ଉନ୍ନୟନମୂଳକ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଇସ୍ପାତ ମନ୍ତ୍ରଣାଳୟର

ବିଭିନ୍ନ ସଂସ୍ଥାକୁ ପରାମର୍ଶ ଦେଇଛନ୍ତି । ଲୋକସେବା ଭବନରେ ଗତକାଲି କେନ୍ଦ୍ର ଇସ୍ପାତ ସଚିବ ସନ୍ଦୀପ ପୌଣ୍ଡ୍ରିକଙ୍କ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରି କହିଛନ୍ତି, ରାଉରକେଲା ଇସ୍ପାତ ହସ୍ପିଟାଲ୍ ଏବଂ ଅନ୍ୟ ଖଣି ଅଞ୍ଚଳରେ ଇସ୍ପାତ ମନ୍ତ୍ରଣାଳୟଦ୍ୱାରା ପରିଚାଳିତ ହସ୍ପିଟାଲ୍‌ଗୁଡ଼ିକୁ ଅଧିକ ଉନ୍ନତି କରିବାର ଆବଶ୍ୟକତା ରହିଛି । ରାଉରକେଲା ଇସ୍ପାତ କାରଖାନାର ସମ୍ପ୍ରସାରଣ ଏବଂ ଉତ୍ପାଦନ କ୍ଷମତା ୪ ଦଶମିକ ୫ ମିଲିୟନ୍‌ରୁ ୯ ମିଲିୟନ୍‌କୁ ବୃଦ୍ଧି କରାଯିବା ନେଇ ଇସ୍ପାତ ସଚିବ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ ।

## ଧାନ ବିକ୍ରି

ଚଳିତ ବର୍ଷ ଖରିଫ୍ ଋତୁରେ ଧାନ ବିକିବାପାଇଁ ଅଣଷଠି ହଜାର ୮୯୮ ଜଣ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି । ସମବାୟ ବିଭାଗର ସୂଚନା ଅନୁସାରେ ୪୫ଟି ପ୍ୟାକ୍ସ ଓ ୧୪ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ଧାନ ସଂଗ୍ରହ କରାଯିବ । ଗତବର୍ଷ ତୁଳନାରେ ୧୩୪ ଜଣ କମ୍ ଚାଷୀ ଚଳିତ ବର୍ଷ ଖରିଫ୍ ଧାନ ବିକ୍ରି କରିବାପାଇଁ ନାମ ପଞ୍ଜୀକରଣ କରିଛନ୍ତି ।

## ପୁରୀ ଶ୍ରୀମନ୍ଦିର ପରିଚାଳନା ବୈଠକ

**ପୁରୀ** ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ବୈଠକ ବର୍ତ୍ତମାନ ନୀଳାଦ୍ରି ଭକ୍ତ ନିବାସ ସଭାଗୃହଠାରେ ଚାଲିଛି। ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ  ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଏସ୍‌ପି, ଜିଲ୍ଲାପାଳ ଏବଂ ପରିଚାଳନା କମିଟିର ସଦସ୍ୟମାନେ

ଉପସ୍ଥିତ ଅଛନ୍ତି।  ଏଥିରେ ୨୦୨୩-୨୪ ବର୍ଷର ସଂଶୋଧିତ ବ୍ୟୟ ଅଟକଳ ଓ ଚଳିତ ବର୍ଷର ୩୮୬ କୋଟି ଟଙ୍କାର ବଜେଟ୍ ଅନୁମୋଦନ ନେଇ ଆଲୋଚନା କରାଯାଉଛି।

## ପ୍ରଳମ୍ବାସୁର ବଧ

ଭାଦ୍ରବ କୃଷ୍ଣପକ୍ଷ ଦ୍ୱାଦଶୀ ତିଥିରେ ଆଜି  ପୁରୀ ଶ୍ରୀମନ୍ଦିରରେ ପ୍ରଳମ୍ବାସୁର ବଧ ନୀତି ଅନୁଷ୍ଠିତ ହେଉଛି। ଶ୍ରୀଜୀଉମାନଙ୍କ ମଧ୍ୟାହ୍ନ ଧୂପ ଶେଷ ହେବା ପରେ ଏହି ବେଶ ପ୍ରସ୍ତୁତି ଆରମ୍ଭ ହୋଇଛି।  ଏହି ବେଶରେ ପ୍ରଭୁ ଶ୍ରୀବଳଭଦ୍ରଙ୍କ ଏକ ହସ୍ତରେ ହଳ ଓ ଅନ୍ୟ ହସ୍ତରେ ମୁଷଳ ଶୋଭା ପାଇବ। ୪ ଫୁଟ ଉଚ୍ଚତାର ଏକ କାଠ ନିର୍ମିତ ପ୍ରଳମ୍ବାସୁର ମୂର୍ତ୍ତି ବଳଭଦ୍ରଙ୍କ ନିମ୍ନଭାଗରେ ରଖାଯିବ ।  ଶ୍ରୀବଳଭଦ୍ରଙ୍କ ଏହି ଦୁର୍ଲଭ ବେଶ ଦେଖିବା ପାଇଁ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ, ଗତକାଲି ଭାଦ୍ରବ ମାସ କୃଷ୍ଣପକ୍ଷ ଏକାଦଶୀ ତିଥିରେ ଶ୍ରୀମନ୍ଦିରରେ ରତ୍ନ ସିଂହାସନ ଉପରେ ଶ୍ରୀଜୀଉଙ୍କ କାଳୀୟଦଳନ ବେଶ ଅନୁଷ୍ଠିତ ହୋଇଥିଲା।

## ଶ୍ରୀଗୁଣ୍ଡିଚା ମନ୍ଦିର ବନ୍ଦ

**ପୁରୀ** ଶ୍ରୀମନ୍ଦିର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ପୁରୀ ଜିଲ୍ଲାପାଳଙ୍କ ସମେତ, ସୁଆର-ମହାସୁଆର ନିଯୋଗର ପ୍ରମୁଖ କର୍ମକର୍ତ୍ତାମାନେ ଆଜି ଅନୁଧ୍ୟାନ କରିଛନ୍ତି। ଏହା ସହିତ ଶ୍ରୀଗୁଣ୍ଡିଚା ମନ୍ଦିର ରୋଷଘର ସ୍ଥିତି ଅନୁଧ୍ୟାନ କରାଯାଇଛି। ରୋଷଘରର ଉଚ୍ଚତା ବୃଦ୍ଧି କରାଯିବା ପାଇଁ ପ୍ରସ୍ତାବ ଦିଆଯାଇଛି। ଆସନ୍ତା ମାର୍ଚ୍ଚ ସୁଦ୍ଧା ଏହି କାର୍ଯ୍ୟ ଶେଷ

କରିବା ପାଇଁ ସମୟ ଧାର୍ଯ୍ୟ କରାଯାଇଛି । ଉନ୍ନତୀକରଣ କାର୍ଯ୍ୟ ପାଇଁ ଶ୍ରୀଗୁଣ୍ଡିଚା ମନ୍ଦିର ବନ୍ଦ ରହିବ । ଆଗାମୀ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଗୁଣ୍ଡିଚା ମନ୍ଦିରର ଉନ୍ନୟନ କାର୍ଯ୍ୟ ଶେଷ ହେବା ପରେ ଗୁଣ୍ଡିଚା ମନ୍ଦିର ଖୋଲିବ ।

## ସୁଭଦ୍ରା ଯୋଜନା

**ଗଜପତି** ଜିଲ୍ଲାରେ ସୁଭଦ୍ରା ଯୋଜନା କାର୍ଯ୍ୟକାରୀତାକୁ ନେଇ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଆଜି ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀକକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସୁଭଦ୍ରା ଯୋଜନାରେ ମହିଳା ହିତାଧିକାରୀମାନେ ଯେଉଁଭଳି ଉପକୃତ ହେବେ ଏବଂ ଏହାର ସଫଳ କାର୍ଯ୍ୟକାରୀତା ନେଇ ବିଭାଗୀୟ ଅଧିକାରୀମାନେ ଯତ୍ନବାନ ହେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି ।

## ଆୟୁଷ୍ମାନ ଆରୋଗ୍ୟ ଶିବିର

**ସୁବର୍ଣ୍ଣପୁର** ଜିଲ୍ଲା ଉଲୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଆୟୁଷ୍ମାନ ଆରୋଗ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଅଧୀକ୍ଷକ ଡ଼ାକ୍ତର ସମୀର ଭୋଇଙ୍କ ଦ୍ୱାରା ଉଦଘାଟିତ ସ୍ୱାସ୍ଥ୍ୟ ଶିବିରରେ ସାଧାରଣ ବର୍ହିବିଭାଗ ସହ ସ୍ତ୍ରୀ ଓ ପ୍ରସୂତି, ଶିଶୁରୋଗ, ଭେଷଜ, ନାଶା, ଗଳା ଓ କର୍ଣ୍ଣ, ଦନ୍ତ, ଅଣସଂକ୍ରାମକ ରୋଗ, କୁଷ୍ଠ, ଯକ୍ଷ୍ମା ରୋଗ ଆଦି ପାଇଁ ସ୍ୱାସ୍ଥ୍ୟ ସେବା ଦିଆଯାଇଥିଲା । ଅନୁଷ୍ଠିତ ଶିବିରରେ ମୋଟ ୧୮୨ ଜଣ ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ଦିଆଯାଇଥିଲା ।

## ପ୍ରାଣୀସମ୍ପଦର ଗଣନା

କେନ୍ଦ୍ର ସରକାରଙ୍କ ପ୍ରବର୍ତ୍ତିତ ୨୧ତମ ପ୍ରାଣୀସମ୍ପଦ ଗଣନା ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର **ସୁବର୍ଣ୍ଣପୁର**ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରାଣୀସମ୍ପଦ ବିକାଶ ବିଭାଗ ଦ୍ୱାରା ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ଗୃହପାଳିତ ପ୍ରାଣୀସମ୍ପଦର କମ୍ପ୍ୟୁଟର ମାଧ୍ୟମରେ ଗଣନା ନେଇ କ୍ଷେତ୍ରୀୟ ଅଧିକାରୀଙ୍କୁ ସ୍ୱତନ୍ତ୍ର ତାଲିମ୍ ପ୍ରଦାନ କରାଯାଇଛି। ଭାରତ ସରକାରଙ୍କ ପକ୍ଷରୁ ପ୍ରତି ୫ ବର୍ଷରେ ହେଉଥିବା ପ୍ରାଣୀସମ୍ପଦର ଗଣନା, ବିକାଶ ଏବଂ ପଶୁପାଳକମାନଙ୍କର ଆର୍ଥିକ ଉନ୍ନତିରେ ସହାୟକ ହେବ ବୋଲି ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ କହିଛନ୍ତି।

## ଜନମନ ଯୋଜନା

**ଗଜପତି** ଜିଲ୍ଲା ଗୁମ୍ମା ବ୍ଲକ ଅନ୍ତର୍ଗତ କୁଲପାଡ଼ ଗ୍ରାମର ଅଧିବାସୀମାନଙ୍କୁ ସେରଙ୍ଗସ୍ଥିତ ସଉରା ଉନ୍ନୟନ ସଂସ୍ଥା ପକ୍ଷରୁ ବ୍ୟକ୍ତିଗତ ମୌଳିକ ସୁବିଧା ପ୍ରଦାନ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ପିଏମ-ଜନମନ ଯୋଜନା ଦ୍ୱାରା ଲୋକମାନେ କିଭଳି ଉପକୃତ ହୋଇପାରିବେ ଏବଂ ଏହାର ଆଭିମୁଖ୍ୟକୁ ନେଇ ସଚେତନ କରିଥିଲେ।

## ପାଇଲଟ ପ୍ରକଳ୍ପ ସର୍ଭେ

**ଗଞ୍ଜାମ** ଜିଲ୍ଲାର ଛତ୍ରପୁରସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜାତୀୟ ସ୍ଥାନାନ୍ତରଣ

ଏବଂ ବିକାଶ ପ୍ରତିଷ୍ଠାନ ସଂସ୍ଥା ପକ୍ଷରୁ ଗଞ୍ଜାମ ଜିଲ୍ଲାର ଛତ୍ରପୁର ଓ ଗଞ୍ଜାମ ବ୍ଲକ୍‌କୁ ପାଇଲଟ ପ୍ରକଳ୍ପ ରୂପେ ଗ୍ରହଣ କରାଯାଇଛି। ଏହି ଦୁଇଟି ବ୍ଲକ୍‌ର ୧୦ଟି ଲେଖାଏଁ ଗ୍ରାମରେ ସର୍ଭେ କରାଯିବ।

## ହାତୀ ମୃତଦେହ ଉଦ୍ଧାର

**କଟକ** ଜିଲ୍ଲା ଆଠଗଡ ବନଖଣ୍ଡ ଅନ୍ତର୍ଗତ ଖୁଣ୍ଟୁଣୀ ବନାଞ୍ଚଳର ବଣିଆବନ୍ଧ ସଂରକ୍ଷିତ ଜଙ୍ଗଲରେ ଥିବା ଏକ ପୋଖରୀରୁ ୯ମାସର ହାତୀ ଛୁଆର ମୃତଦେହ ଉଦ୍ଧାର କରାଯାଇଛି। ମୃତଦେହ ବ୍ୟବଚ୍ଛେଦ କରିବା ପରେ ହାତୀ ମୃତ୍ୟୁର କାରଣ ଜଣାପଡିବ ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି।

ସେହିପରି **ଖୋର୍ଦ୍ଧା**ଜିଲ୍ଲା ବନଖଣ୍ଡ ଟାଙ୍ଗୀ ରେଞ୍ଜ୍ ଡମଣ ଭୂଇଁ ଭଣ୍ଡାରିଝର ନିକଟରେ ଏକ ଦନ୍ତା ହାତୀର ମୃତ୍ୟୁ ଘଟିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ବନବିଭାଗ ପକ୍ଷରୁ ତଦନ୍ତ ଜାରି ରହିଛି।

## କବାଡି ପ୍ରତିଯୋଗିତା

**ଗଞ୍ଜାମ** ଜିଲ୍ଲାର ସାନଖେମୁଣ୍ଡି ବ୍ଲକ୍‌ରେ ଜିଲ୍ଲାସ୍ତରୀୟ କବାଡି ପ୍ରତିଯୋଗିତା ଆସନ୍ତା ମାସ ୧୯ ତାରିଖଠାରୁ ୨୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସାନଖେମୁଣ୍ଡି ବ୍ଲକ୍‌ର ପାଟପୁର ହାଇସ୍କୁଲରେ ଏ ସମ୍ବନ୍ଧୀୟ ଏକ ପ୍ରସ୍ତୁତି ବୈଠକ ହୋଇଯାଇଛି। ଜିଲ୍ଲାର ୭୨ଟି ବିଦ୍ୟାଳୟରୁ ୫୦୪ ଜଣ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ପ୍ରତିଯୋଗିତା ପରିଚାଳନା ନିମନ୍ତେ ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକମାନଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି।

# ପାଣିପାଗ

କେନ୍ଦ୍ରୀୟ ଓ ଉତ୍ତର ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଅଧିକ ଘନୀଭୂତ ହୋଇଥିବାରୁ ରାଜ୍ୟର ଅନେକ ସ୍ଥାନରେ ବର୍ଷା ପରିମାଣ ବୃଦ୍ଧି ପାଇବା ସମ୍ଭାବନା ଅଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଆସନ୍ତା ରବିବାର ପର୍ଯ୍ୟନ୍ତ ବର୍ଷା ପରିମାଣ ଅଧିକ ରହିବ। ମାଲକାନଗିରି, କୋରାପୁଟ, ଗଜପତି, ରାୟଗଡ଼ା, ଗଞ୍ଜାମ, ନବରଙ୍ଗପୁର ଓ କଳାହାଣ୍ଡି ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି। କୋରାପୁଟ ଏବଂ ଗଜପତି ଜିଲ୍ଲାରେ ସ୍କୁଲ୍ ଏବଂ ଅଙ୍ଗନୱାଡ଼ି କେନ୍ଦ୍ରକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ବନ୍ଦ ରଖାଯାଇଛି।

ଉପରମୁଣ୍ଡରେ ଗତ ଦୁଇଦିନ ଧରି ଲଗାଣ ବର୍ଷା ଯୋଗୁଁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଜଳଧାରଣ କ୍ଷମତାକୁ ଦୃଷ୍ଟିରେ ରଖି ଡ୍ୟାମ୍ କର୍ତ୍ତୃପକ୍ଷ ଆଜି ପୁଣି ୪ଟି ଗେଟ୍ ଖୋଲିଛନ୍ତି। ମୋଟ୍ ୬ଟି ଗେଟ୍ ମଧ୍ୟ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି।

*******************************